## ନିଜ ଯୋଜନା ସମ୍ବନ୍ଧେ ଜାଣନ୍ତୁ

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

### ୧. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କ'ଣ ?

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲାଗି ଓଡ଼ିଶା ସରକାରଙ୍କ ଏକ ପ୍ରୟାସ । ବିଶେଷ କରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ପରିବାରଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ଉଦ୍ଦିଷ୍ଟ । ଏହାର ଦୁଇଟି ଅଂଶ ଯଥା -

(କ) ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆର୍ଥିକ ପରିସ୍ଥିତି ନିର୍ବିଶେଷରେ ସଂପୂର୍ଣ୍ଣ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ।

(ଖ) ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟଙ୍କ ଲାଗି ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତାର ଆଶ୍ୱାସନା । ସମଗ୍ର ଓଡ଼ିଶାର ୭୦ଲକ୍ଷ ପରିବାର ଉପକୃତ ହେବେ ।

### ୨. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗି କିଏ ଯୋଗ୍ୟ ?

(କ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସାର୍ବଜନୀନ ମାଗଣା ସ୍ୱାସ୍ଥ୍ୟ ସେବା ଉଦ୍ଦିଷ୍ଟ ।

(ଖ) ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ପରିବାରର ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ଆଶ୍ୱାସନା ଲାଗି ଚଳନ୍ତି ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର କାର୍ଡ଼ଧାରୀ ପରିବାର ତଥା ବାର୍ଷିକ ଗ୍ରାମାଞ୍ଚଳରେ ଟଙ୍କା ୫୦ ହଜାରରୁ କମ୍ ଓ ସହରାଞ୍ଚଳରେ ଟଙ୍କା ୬୦ହଜାରରୁ କମ୍ ଆୟକାରୀ ପରିବାର ଯୋଗ୍ୟ ।

### ୩. ଏହି ଯୋଜନାର ସୁଫଳ କ'ଣ ?

(କ) ଏହି ଯୋଜନା ଦ୍ୱାରା ଓଡ଼ିଶାର ସମସ୍ତ ଜନସାଧାରଣ ବିନା ଦେୟରେ ଡାକ୍ତରୀ ପରାମର୍ଶ, ରୋଗ ନିରୂପଣ, ଆବଶ୍ୟକୀୟ ଔଷଧ, ଡ଼ାୟାଲିସିସ୍, କର୍କଟ କେମୋ ଥେରାପି, ଅସ୍ତ୍ରୋପଚାର କକ୍ଷ, ଆଇ.ସି.ୟୁ ଓ ଅନ୍ତଚିକିତ୍ସା ଇତ୍ୟାଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟରେ ପାଇପାରିବେ ।

(ଖ) ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡଧାରୀ ପରିବାର ତଥା ବାର୍ଷିକ ଗ୍ରାମାଞ୍ଚଳରେ ଟଙ୍କା ୫୦ହଜାରରୁ କମ୍ ସହରାଞ୍ଚଳରେ ଟଙ୍କା ୬୦ହଜାରରୁ କମ୍ ଆୟକାରୀ ପରିବାର ସମସ୍ତ ସରକାରୀ ଓ ୨୦୮ ସ୍ୱୀକୃତିପ୍ରାପ୍ତ ବେସରକାରୀ ଚିକିତ୍ସାଳୟରେ ବିନା ଦେୟରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ।

### ୪. ମାଗଣା ଚିକିତ୍ସା ସେବା କେଉଁଠାରେ ଉପଲବ୍ଧ ?

(କ) ସାର୍ବଜନୀନ ମାଗଣା ସ୍ୱାସ୍ଥ୍ୟ ସେବା ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟରେ ଉପଲବ୍ଧ ।

(ଖ) ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡଧାରୀ ପରିବାର ଦେୟମୁକ୍ତ ଚିକିତ୍ସା ସେବା ସମସ୍ତ ସରକାରୀ ତଥା ୨୦୮ ସ୍ୱୀକୃତିପ୍ରାପ୍ତ ବେସରକାରୀ ଚିକିତ୍ସାଳୟରେ ବିନା ଦେୟରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ।

**୫. ଏହି ଯୋଜନାରେ ପଞ୍ଜିକରଣ ବ୍ୟବସ୍ଥା ଅଛି କି ?**

ବର୍ତ୍ତମାନ ସମୟ ପାଇଁ କୌଣସି ପଞ୍ଜିକରଣର ପ୍ରାବଧାନ ନାହିଁ । ବିଜୁ କୃଷକ କଲ୍ୟାଣ ଯୋଜନା (୧ ଏବଂ ୨ ଧାରା) ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପଞ୍ଜିକୃତ ପରିବାର ତଥା ଗ୍ରାମାଞ୍ଚଳରେ ବାର୍ଷିକ ଟଙ୍କା ୫୦ ହଜାରରୁ କମ୍ ସହରାଞ୍ଚଳରେ ଟଙ୍କା ୬୦ ହଜାରରୁ କମ୍ ଆୟକାରୀ ପରିବାର ଏହି ଯୋଜନ ସୁଫଳ ପାଇପାରିବେ ।

**୬. ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ପରିବାରର ମହିଳାଙ୍କ ସକାଶେ ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତା ଲାଗି କୌଣସି ଦସ୍ତାବିଜ୍ ଆବଶ୍ୟକ ପଡେ କି ?**

ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ପରିବାରର ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତା ଲାଗି, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ସ୍ୱୀକୃତି ପ୍ରାପ୍ତ ଚିକିତ୍ସାଳୟରେ ଦାଖଲ କରିବା ଆବଶ୍ୟକ । ବିଜୁ କୃଷକ କଲ୍ୟାଣ ଯୋଜନା କିମ୍ବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେଇନଥିବା ସ୍ୱଚ୍ଛ ଆୟ ବର୍ଗର ହିତାଧିକାରୀ ପ୍ରାଧିକୃତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅବଧି ଥିବା ଆୟ ପ୍ରମାଣପତ୍ର (ଗ୍ରାମାଞ୍ଚଳରେ ବାର୍ଷିକ ଟଙ୍କା ୫୦ ହଜାରରୁ କମ୍ ଓ ସହରାଞ୍ଚଳରେ ଟଙ୍କା ୬୦ହଜାରରୁ କମ୍) କିମ୍ବା ଇଚଖ କାର୍ଡ କିମ୍ବା ଅନ୍ତୋଦୟ ଅନ୍ନ ଯୋଜନା କାର୍ଡ ସ୍ୱୀକୃତି ପ୍ରାପ୍ତ ଚିକିତ୍ସାଳୟରେ ଦାଖଲ କରିବା ଆବଶ୍ୟକ ।

**୭. ଏହି ଯୋଜନାରେ ବୀମା କିସ୍ତି ଦେବାକୁ ପଡେ କି ?**

ପଞ୍ଜିକୃତ ପରିବାରକୁ କୌଣସି ଅର୍ଥ ଦେବା ଆବଶ୍ୟକ ନାହିଁ । ରାଜ୍ୟ ସରକାର ସମସ୍ତ ପରିବାରର ସକାଶେ ଆବଶ୍ୟକ ଅର୍ଥ ପୈଠ କରନ୍ତି ।

**୮. କୌଣସି ବ୍ୟକ୍ତି ଯଦି ଯୋଜନା ପୂର୍ବରୁ କୌଣସି ରୋଗରେ ପିଡିତ ଥିଲେ ଚିକିତ୍ସା ପାଇବା ଲାଗି ଯୋଗ୍ୟ କି ?**

ହଁ , ପ୍ରତ୍ୟେକ ହିତାଧିକାରୀଙ୍କର ପୂର୍ବ ବ୍ୟାଧି, ଯୋଜନାର ପରିସର ଭୁକ୍ତ ।

**୯. ପଞ୍ଜିକୃତ ଚିକିତ୍ସାଳୟରେ କିଏ ସହଯୋଗ କରିବେ ?**

ପ୍ରତ୍ୟେକ ପଞ୍ଜିକୃତ ଚିକିତ୍ସାଳୟର ସହାୟତା କେନ୍ଦ୍ରରେ ନିୟୋଜିତ ଥିବା ସ୍ୱାସ୍ଥ୍ୟ ମିତ୍ର ପରିବାରକୁ ଚିକିତ୍ସା ପାଇବା ଲାଗି ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରିବେ ।

**୧୦. ଏହି ଯୋଜନାର ଦେୟମୁକ୍ତ ଯୋଗାଯୋଗ ବ୍ୟବସ୍ଥା ଅଛି କି ?**

ଯୋଜନା ସମ୍ବନ୍ଧେ ସବିଶେଷ ତଥ୍ୟ ତଥା ଅଭିଯୋଗ ଲାଗି ଦେୟମୁକ୍ତ ଯୋଗାଯୋଗ ନଂ ୧୫୫୩୬୯ ରେ ଯେ କୌଣସି ବ୍ୟକ୍ତି ସକାଳ ୬ ରୁ ରାତି ୧୦ଟା ପର୍ଯ୍ୟନ୍ତ ସଂପର୍କ କରି ପାରିବେ ।

**ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଯାଜପୁର**

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଗଷ୍ଟ ୧୫, ୨୦୧୮ ତାରିଖ ଘୋଷଣା ଅନୁଯାୟୀ ଓଡ଼ିଶାର ଗରିବ ଜନସାଧାରଣ ପାଇଁ ଏହି ଯୋଜନା ଅନୁସାରେ ସମସ୍ତ ସରକାରୀ ଡାକ୍ତରଖାନାରେ ମାଗଣା ସ୍ୱାସ୍ଥ୍ୟସେବା ଏବଂ ନିମ୍ନୋକ୍ତ ବେସରକାରୀ ଡାକ୍ତରଖାନା ମାନଙ୍କରେ ପୁରୁଷମାନଙ୍କ ପାଇଁ ସର୍ବାଧିକ ୫ଲକ୍ଷ ଏବଂ ମହିଳାମାନଙ୍କ ପାଇଁ ୭ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଚିକିତ୍ସା ସୁବିଧା ଉପଲବ୍ଧ।

**କେଉଁମାନେ ଏଥିରେ ଯୋଗ୍ୟ :**

(୧) ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଡ଼ଧାରୀ।
(୨) ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ଼ଧାରୀ
(୩) ଗ୍ରାମାଞ୍ଚଳରେ ବାର୍ଷିକ ଟ. ୫୦,୦୦୦/- ଆୟକାରୀ ଏବଂ ସହରାଞ୍ଚଳ ବାର୍ଷିକ ଟ. ୬୦,୦୦୦/- ଆୟକାରୀ ବ୍ୟକ୍ତି।
(୪) ବି.ପି.ଏଲ୍ କାର୍ଡ଼ଧାରୀ।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ପଞ୍ଜିକୃତ ବେସରକାରୀ ଚିକିତ୍ସାଳୟ ର ତାଲିକା : (କଟକ, ଖୋର୍ଦ୍ଧା, ଯାଜପୁର ଜିଲ୍ଲା)

| | | |
|---|---|---|
| ୧. | ଯାଜପୁର | ଅନିମା ନର୍ସିଙ୍ଗ ହୋମ, ଯାଜପୁର ରୋଡ଼ |
| ୨. | ଯାଜପୁର | ଭୁମିକା ହସ୍‌ପିଟାଲ ଓ ରିସର୍ଚ୍ଚ ସେଣ୍ଟର, ଜାରକା |
| ୩. | ଯାଜପୁର | ଲକ୍ଷ୍ମୀ ହସ୍‌ପିଟାଲ |
| ୪. | ଯାଜପୁର | ସର୍ମିଷ୍ଠା ମେମୋରିଆଲ ହସପିଟାଲ, ଯାଜପୁର ରୋଡ଼ |
| ୫. | ଯାଜପୁର | ଶ୍ରୀମା ନର୍ସିଙ୍ଗ ହୋମ, ଯାଜପୁର ଟାଉନ୍ |
| ୬. | କଟକ | ଅଗ୍ରୱାଲ ଆଇ କ୍ଲିନିକ୍ |
| ୭. | କଟକ | ଚିତ୍ତ ରଂଜନ ସେବାସଦନ ଏବଂ ହସ୍‌ପିଟାଲ |
| ୮. | କଟକ | କଟକ ଲାପ୍ରୋସ୍କୋପିକ୍ ହସ୍‌ପିଟାଲ |
| ୯. | କଟକ | ଗୀତା ମେମୋରିଆଲ ହସ୍‌ପିଟାଲ |
| ୧୦. | କଟକ | ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ ମେଡ଼ିକାଲ ସାଇନସ୍ |
| ୧୧. | କଟକ | ଏଚ.ସି.ଜି ପଣ୍ଡା କ୍ୟୁର୍ କ୍ୟାନସର ହସପିଟାଲ |
| ୧୨. | କଟକ | ହେଲଥ୍ କେୟାର ନର୍ସିଙ୍ଗ ହୋମ |
| ୧୩. | କଟକ | ଜନସେବକ କ୍ଲିନିକ୍ ଓ ନର୍ସିଙ୍ଗ |
| ୧୪. | କଟକ | ଜୀବନ ଧରା ନର୍ସିଙ୍ଗ ହୋମ |
| ୧୫. | କଟକ | ଖଡ଼ିଜା ନର୍ସିଙ୍ଗ ହୋମ |
| ୧୬. | କଟକ | ମେଲଭିନ୍ ଜୋନସ୍ ଆଇ ହସପିଟାଲ୍ |
| ୧୭. | କଟକ | ମୁନ୍ ହସପିଟାଲ୍ |
| ୧୮. | କଟକ | ପ୍ରାଇମ୍ ହସପିଟାଲ |
| ୧୯. | କଟକ | ରେଜିଓନାଲ ସ୍ପାଇନାଲ୍ ଇନ୍‌ଜୁରି ସେଣ୍ଟର |
| ୨୦. | କଟକ | ରୋଟାରୀ କ୍ଲବ କଟକ ଆଇ ହସପିଟାଲ |
| ୨୧. | କଟକ | ରୁଦ୍ର ହସ୍‌ପିଟାଲ |
| ୨୨. | କଟକ | ସଦ୍‌ଗୁରୁ ହସପିଟାଲ |
| ୨୩. | କଟକ | ସାହାରା ନର୍ସିଙ୍ଗ ହୋମ୍ |
| ୨୪. | କଟକ | ସାଇ ଆରୋଗ୍ୟମ୍ ନର୍ସିଙ୍ଗ ହୋମ୍ |
| ୨୫. | କଟକ | ସାଇ ଜୀବନ ହସପିଟାଲ ପ୍ରାଇଭେଟ୍ ଲିମିଟେଡ୍ |
| ୨୬. | କଟକ | ସାଇ ସଞ୍ଜିବନି ହସପିଟାଲ |
| ୨୭. | କଟକ | ସଞ୍ଜିବନି ନର୍ସିଙ୍ଗ ହୋମ୍ |

୨୮. କଟକ ଶକ୍ତି ସାଇ ହସ୍‌ପିଟାଲ

୨୯. କଟକ ଶାନ୍ତି ମେମୋରିଆଲ ହସ୍‌ପିଟାଲ

୩୦. କଟକ ଶ୍ରଦ୍ଧା କ୍ଲିନିକ୍ ଓ ନର୍ସିଂ ହୋମ୍

୩୧. କଟକ ସିଫା ନର୍ସିଂ ହୋମ୍

୩୨. କଟକ ଶ୍ରୀମା ହସ୍‌ପିଟାଲ

୩୩. କଟକ ସନ୍ ହସପିଟାଲ

୩୪. କଟକ ସ୍ୱେତା ହସ୍‌ପିଟାଲ

୩୫. କଟକ ଦି ଚାଇଲଡ୍ ନର୍ସିଂ ହୋମ୍

୩୬. କଟକ ତ୍ରିଶା ହସ୍‌ପିଟାଲ

୩୭. କଟକ ଉଦୟଭାନୁ କ୍ଲିନିକ୍ ଓ ନର୍ସିଂ ହୋମ

୩୮. କଟକ ଉର୍ମିଳା ନର୍ସିଂ ହୋମ୍

୩୯. ଖୋର୍ଦ୍ଧା ଆଦିତ୍ୟ କେୟାର ହସ୍‌ପିଟାଲ

୪୦. ଖୋର୍ଦ୍ଧା ଆଡଭାନସ୍ ଆଇ କେୟାର ହସ୍‌ପିଟାଲ

୪୧. ଖୋର୍ଦ୍ଧା ଅମ୍ରି ହସ୍‌ପିଟାଲ, ଭୁବନେଶ୍ୱର

୪୨. ଖୋର୍ଦ୍ଧା ଆପୋଲୋ ହସପିଟାଲ୍

୪୩. ଖୋର୍ଦ୍ଧା ଆରୋଗ୍ୟମ ହସ୍‌ପିଟାଲ

୪୪. ଖୋର୍ଦ୍ଧା ଅରୋ କେୟାର ନର୍ସିଂ ହୋମ୍

୪୫. ଖୋର୍ଦ୍ଧା ଆଭା ହସ୍‌ପିଟାଲ୍ ଓ ଆଡ୍‌ଭାନସ୍ ଲାପ୍ରୋସ୍କୋପିକ୍ ହସ୍‌ପିଟାଲ

୪୬. ଖୋର୍ଦ୍ଧା ଆୟୁଷ ହସ୍‌ପିଟାଲ

୪୭. ଖୋର୍ଦ୍ଧା ବୈଦ୍ୟନାଥ ମେମୋରିଆଲ ହସ୍‌ପିଟାଲ

୪୮. ଖୋର୍ଦ୍ଧା ଭୁବନେଶ୍ୱର ଏମ୍.ଆର.ଆଇ

୪୯. ଖୋର୍ଦ୍ଧା ଚର୍ତ୍ତୁଭୁଜ ଜେନାମଣି ମେମୋରିଆଲ୍ ହସ୍‌ପିଟାଲ

୫୦. ଖୋର୍ଦ୍ଧା ହେଲଥ୍ କେୟାର ନର୍ସିଂ ହୋମ

୫୧. ଖୋର୍ଦ୍ଧା ହେମଲତା ହସ୍‌ପିଟାଲ

୫୨. ଖୋର୍ଦ୍ଧା ହିଲ୍‌ସାଇଡ୍ ନର୍ସିଂ ହୋମ

୫୩. ଖୋର୍ଦ୍ଧା ହାଇ-ଟେକ୍ ମେଡିକାଲ କଲେଜ୍ ଓ ହସପିଟାଲ

୫୪. ଖୋର୍ଦ୍ଧା ଜୀବନ ଜ୍ୟୋତି ହସପିଟାଲ୍

୫୫. ଖୋର୍ଦ୍ଧା ଜ୍ୟୋତ୍ସ୍ନା ହସ୍‌ପିଟାଲ୍

୫୬. ଖୋର୍ଦ୍ଧା କଳିଙ୍ଗ ହସପିଟାଲ

୫୭. ଖୋର୍ଦ୍ଧା କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସ୍ ଏଣ୍ଡ ହସପିଟାଲ୍

୫୮. ଖୋର୍ଦ୍ଧା କାନୁନ୍‌ଗୋ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଇବେଟିସ୍ ସ୍ପେସାଲିଷ୍ଟ ପ୍ରାଇଭେଟ୍ ଲିମିଟେଡ୍

୫୯. ଖୋର୍ଦ୍ଧା ଏଲ.ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍

୬୦. ଖୋର୍ଦ୍ଧା ମା ତାରିଣୀ ନର୍ସିଂ ହୋମ

୬୧. ଖୋର୍ଦ୍ଧା ମେଡି କେୟାର ହସ୍‌ପିଟାଲ ଏଣ୍ଡ ରିସର୍ଚ୍ଚ ସେଣ୍ଟର

୬୨. ଖୋର୍ଦ୍ଧା ମର୍ଡନ୍ ହେଲଥ୍ କେୟାର ହସ୍‌ପିଟାଲ

୬୩. ଖୋର୍ଦ୍ଧା ନନ୍ଦ ଟ୍ରିଟ୍ ମେଣ୍ଟ ସେଣ୍ଟର

୬୪. ଖୋର୍ଦ୍ଧା ନିଳାଚଳ ହସ୍‌ପିଟାଲ

୬୫. ଖୋର୍ଦ୍ଧା ପଣ୍ଡା ନର୍ସିଂ ହୋମ୍ ପ୍ରାଇଭେଟ୍ ଲିମିଟେଡ୍

୬୬. ଖୋର୍ଦ୍ଧା ପାର୍କଲାଣ୍ଡ ହସ୍‌ପିଟାଲ

୬୭. ଖୋର୍ଦ୍ଧା ରୋଟାରୀ ଆଇ ହସ୍‌ପିଟାଲ୍

୬୮. ଖୋର୍ଦ୍ଧା ସହଯୋଗ ହସ୍‌ପିଟାଲ

୬୯. ଖୋର୍ଦ୍ଧା ସଞ୍ଜିବନି ମେଡିକେୟାର ହସ୍‌ପିଟାଲ

୭୦. ଖୋର୍ଦ୍ଧା ସରା ଗଷ୍ଟ୍ରୋ ଏଣ୍ଡ ଲାପ୍ରୋସ୍କୋପିକ୍ ହସ୍‌ପିଟାଲ୍

୭୧. ଖୋର୍ଦ୍ଧା ସାସ୍ୱତ ହସ୍‌ପିଟାଲ୍

୭୨. ଖୋର୍ଦ୍ଧା ସାୟଦ ମେମୋରିଆଲ୍ ନର୍ସିଂ ହୋମ୍

୭୩. ଖୋର୍ଦ୍ଧା ଶ୍ରୀ ହସପିଟାଲ ଏନ୍‌ଆର

୭୪. ଖୋର୍ଦ୍ଧା ସାଉଥ୍ ସିଟି ହସ୍‌ପିଟାଲ

୭୫. ଖୋର୍ଦ୍ଧା ସ୍ୱର୍ଣ୍ଣ ମଲଟି ସ୍ପେସାଲିଷ୍ଟ ହସ୍‌ପିଟାଲ୍

୭୬. ଖୋର୍ଦ୍ଧା ଶୁଭ ନର୍ସିଂ ହୋମ୍

୭୭. ଖୋର୍ଦ୍ଧା ସନ୍ ଫ୍ଲାୱାର ନର୍ସିଂ ହୋମ୍

୭୮. ଖୋର୍ଦ୍ଧା ସ୍ୱାତିକା କ୍ଲିନିକ୍ ଏଣ୍ଡ ହସ୍‌ପିଟାଲ୍

୭୯. ଖୋର୍ଦ୍ଧା ବିକାଶ ହସ୍‌ପିଟାଲ୍

୮୦. ଖୋର୍ଦ୍ଧା ଭିଜନ୍ କେୟାର ଆଇ ହସ୍‌ପିଟାଲ

୮୧. ଖୋର୍ଦ୍ଧା ବିବେକାନନ୍ଦ ହସ୍‌ପିଟାଲ

**ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଯାଜପୁର**

**ସହାୟତା ପାଇଁ ଦେୟମୁକ୍ତ ଫୋନ୍ ନମ୍ବର- ୧୫୫୩୬୯ (ସକାଳ ୬ରୁ ରାତି ୧୦ ମଧ୍ୟରେ)**